ISSN: 2456-9194, Vol. I, Issue. II, Sept-2017

ପ୍ରତ୍ୟୟ

(Journal of Odia Language, Culture and Science)

# ଓଡ଼ିଶାର ଲୋକନାଟ୍ୟ ପରଂପରାକୁ ଅନୁଗୋଳର ଅବଦାନ

ଶ୍ରୀ ଦୀପକ କୁମାର ପ୍ରଧାନ
ଅଧ୍ୟାପକ, ସ୍ନାତକୋତ୍ତର ଓଡ଼ିଆ ବିଭାଗ, କର୍ଣ୍ଣପୁର, ତାଳଚେର
e-mail: deepakkumarpradhan1986@gmail.com

***ସଂକ୍ଷିପ୍ତ ପରିଚୟ*** - *ଓଡ଼ିଶାର ସାଂସ୍କୃତିକ ପରଂପରାକୁ ଅନୁଗୋଳ ଜିଲାର ଅବଦାନ ବହୁତ ଅଧିକ । ବିଶେଷକରି ଲୋକନାଟକ ଓ ନାଟ୍ୟପରଂପରାର ସ୍ୱାତନ୍ତ୍ର୍ୟ ଆଜି ବି ଅନେକ ଗବେଷକଙ୍କୁ ଆକର୍ଷିତ କରିଛି । ଆଲୋଚ୍ୟ ପ୍ରବନ୍ଧରେ ମୁଁ, ମୋର କ୍ଷେତ୍ରୀୟ ଅଧ୍ୟୟନ ଭିତରେ ଲୋକନାଟ୍ୟର ମହାନ ଗୁରୁ, କଳାକାର ଓ ଜିଲାର ଅନ୍ୟ ସଂସ୍କୃତିପ୍ରେମୀ ବ୍ୟକ୍ତିବିଶେଷଙ୍କୁ ଭେଟିଛି । ନାଟ୍ୟ ପରଂପରା ସହିତ ନିଜକୁ ସାମିଲ୍ କରିଛି ଓ ଯାହା ଦେଖିଛି ବା ଶୁଣିଛି ତାହାକୁ ଲେଖିଛି । ଏହି ପ୍ରବନ୍ଧରେ ଅନୁଗୋଳ ଜିଲାରୁ ଦଣ୍ଡନାଚ, ଚଢେୟା ଚଢେୟାଣୀ ନାଚ, ଗୌଡବାଡି ନାଚ, ପାଇକ ନାଚ, ନିଶାଣ ନାଚ, ରାବଣ ଛାୟା ନାଚ ପ୍ରଭୃତିର ବିଶେଷତା ଓ ସଂପ୍ରତିକ ନାଟ୍ୟ ସ୍ଥିତିକୁ ବର୍ଣ୍ଣନା କରାଯାଇଛି ।*

***ପ୍ରମୁଖ ଶବ୍ଦାବଳୀ*** *(Keywords) - ଦଣ୍ଡନାଚ, ଗୌଡବାଡି ନାଚ, ପାଇକ ନାଚ, ରାବଣ ଛାୟା ନାଚ,* ଅନୁଗୋଳ ଜିଲା

## I. ଉପକ୍ରମ

ନାଟ୍ୟକଳାର ସର୍ବପ୍ରାଚୀନ ରୂପ ହେଲା ଲୋକନାଟକ । ପ୍ରକୃତି କୋଳରେ ମଣିଷ ପ୍ରଥମେ ନାଟ୍ୟକଳାର ସ୍ୱରୂପ ଉପଲବ୍ଧି କରିଛି । ଇଂରାଜୀରେ ଫୋକ୍ ଶବ୍ଦଟିକୁ ଭାରତୀୟ ଭାଷାରେ 'ଲୋକ' ଅର୍ଥରେ ଗ୍ରହଣ କରାଯାଇଛି । 'ଲୋକ' ଶବ୍ଦଟି ଅତି ବ୍ୟାପକ । ବେଦ, ଉପନିଷେଦ ଏବଂ ନାଟ୍ୟଶାସ୍ତ୍ରରେ ଲୋକ ଶବ୍ଦଟି ଜନସମୂହ ଅର୍ଥରେ ବ୍ୟବହୃତ । ଲୋକଙ୍କ ଜୀବନର ଆଶା ଆକାଂକ୍ଷା ଅଶ୍ରୁ ଆମୋଦର ହିସାବର ଫର୍ଦ୍ଦ ହେଉଛି ଲୋକ ନାଟକ । ବାସ୍ତବରେ କାବ୍ୟ ମଧ୍ୟରେ ନାଟକ ଅଧିକ ରମଣୀୟ, ସେଥିପାଇଁ କୁହାଯାଇଛି- "କାବ୍ୟେଷୁ ନାଟକଂ ରମ୍ୟମ୍" । ଲୋକ ଭାଷାରେ ଅଭିନୟ, ସଂଗୀତ ଓ ନୃତ୍ୟର ତ୍ରିବେଣୀ ସଂଗମ ଲୋକାନୁରଞ୍ଜନ ନିମିତ୍ତ ଅନୁଷ୍ଠିତ ହୁଏ, ତାହାହିଁ ଲୋକ ନାଟକ ।

ଏହିପରି ଭାବେ ଓଡ଼ିଶାରେ ଏକ ସ୍ୱତନ୍ତ୍ର ବଳିଷ୍ଠ ଲୋକନାଟ୍ୟ ପରଂପରା ରହିଛି । ଓଡ଼ିଶାରେ ସମୃଦ୍ଧ ଲୋକନାଟ୍ୟ ପରଂପରାରେ ଅନୁଗୋଳର ଲୋକନାଟ୍ୟ ରହିଛି ସ୍ୱତନ୍ତ୍ର ଅବଦାନ । ଆଲୋଚ୍ୟ ଅଞ୍ଚଳରେ ଲୋକନାଟ୍ୟର ଅନେକ ରୂପ ପ୍ରଚଳିତ । ସେଗୁଡିକ ହେଲା - ଦଣ୍ଡନାଚ, ଚଢେୟା ଚଢେୟାଣୀ ନାଚ, ଗୌଡବାଡି ନାଚ, ପାଇକ ନାଚ, ବଡବାଜା ବା ନିଶାଣ ନାଚ, ରାବଣ ଛାୟା ନାଚ ପ୍ରଭୃତି । ଏଠାରେ ଉପରୋକ୍ତ ଲୋକ ନାଟକର ସ୍ୱରୂପ ସଂପର୍କରେ ସାମାନ୍ୟ ସୂଚନା ପ୍ରଦାନ କରାଯାଇପାରେ ।

## II. ଦଣ୍ଡନାଚ

ଲୋକପ୍ରିୟ ଲୋକନାଟ୍ୟ ମଧ୍ୟରୁ ଦଣ୍ଡନାଚ ଅନ୍ୟତମ । ଏହି ଲୋକନାଟକଟି ଓଡ଼ିଶାର ମଧ୍ୟଭାଗ ଅନୁଗୋଳ ଜିଲ୍ଲାର ଲୋକପ୍ରିୟ ନାଟକ । ଏହି ନାଚ ଜରିଆରେ ମହାଦେବଙ୍କର ଆରାଧନା କରାଯାଇଥାଏ । ଏହି ନାଚରେ ଯେଉଁମାନେ ମିଶନ୍ତି ତାଙ୍କୁ ଭୋକ୍ତା କୁହାଯାଏ । ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ଏହି ଭୋକ୍ତାମାନେ ଏକତ୍ର ନାଚ କରିଥାନ୍ତି । ଦେବତା ଆରାଧନା ଏହି ନାଚ ସହିତ ଜଡିତ ହୋଇଥିବାରୁ ଯେତେ ଦିନ ଦଣ୍ଡନାଚ ହୁଏ କଠିନ ନିଷ୍ଠା ସହକାରେ ସେହି ଦିନଗୁଡିକୁ ସେମାନେ ପାଳନ କରିଥାନ୍ତି । ଦଣ୍ଡ ଶବ୍ଦର ଅର୍ଥ ବାଡି, ନାଚ ଶବ୍ଦର ଅର୍ଥ ହେଲା ନୃତ୍ୟ । ଭାଷାକୋଷ ପ୍ରଣେତାଙ୍କ

ମତରେ ପ୍ରଥମେ କେବଳ ନୀଚ ଶ୍ରେଣୀର ଲୋକ ଦଣ୍ଡନାଚ କରୁଥିଲେ । କିନ୍ତୁ ଏବେସବୁ ଜାତିର ଲୋକ ଏଥିରେ ଭାଗ ନେଉଛନ୍ତି । ଏହି ନାଚରେ ଶିବପାର୍ବତୀଙ୍କ ବ୍ୟତିତ ରାଧାକୃଷ୍ଣ, ନାବକେଳି, ଭୂତକେଳି ଏବଂ ପତ୍ର ସୌରାଣୀ ଇତ୍ୟାଦି ବହୁ ଚରିତ୍ରର ସମାବେଶ ହୁଏ । ବାଦିପାଲା ପରି ମଧ ବାଦି ଦଣ୍ଡନୃତ୍ୟ ଏହି ଅଞ୍ଚଳରେ ଅନୁଷ୍ଠିତ ହୁଏ । ସାଧାରଣତଃ ଏହି ଲୋକନୃତ୍ୟ ଜିଲ୍ଲାର ବିଭିନ୍ନ ପ୍ରାନ୍ତରେ ଦେଖିବାକୁ ମିଳିଥାଏ ।

**ବିଶିଷ୍ଟ ବ୍ୟକ୍ତିଙ୍କ ମତାନୁଯାୟୀ...** "ଉତ୍କଳୀୟ ଦଣ୍ଡ ସଂସ୍କୃତ ସାମାଜ ମଙ୍ଗଳ ସଂଘ ଅନୁଗୋଳର ସଭାପତି ତଥା ଦଣ୍ଡନୃତ୍ୟଗୁରୁ କବି କୁଳମଣି ଶ୍ରୀଯୁକ୍ତ ହରମୋହନ ସାହୁଙ୍କ ମତ ଅନୁଯାୟୀ, ଆଜକୁ ପ୍ରାୟ ୧୦ ବର୍ଷ ହେଲାଣି ଅନୁଗୋଳ ଜିଲ୍ଲାର ଦଣ୍ଡନୃତ୍ୟର ସ୍ଥିତି ଦୃଢ ରହିଛି । ଉତ୍କଳୀୟ ଦଣ୍ଡ ସଂସ୍କୃତ ସାମାଜ ମଙ୍ଗଳ ସଂଘ ଅନୁଗୁଳ RgNo-ANL-2679/72, 2009-10 ନାମରେ ନାମିତ ହୋଇ ପାଖାପାଖି ୨୦୦ ଶହ ଦଣ୍ଡ ସମାଜ ସେମାନଙ୍କର ନୃତ୍ୟ କଳା ପ୍ରଦର୍ଶନ କରିଆସୁଛନ୍ତି । ଏହା ମାଧମରେ ଶହଶହ କଳାକାର ଦଣ୍ଡନୃତ୍ୟକୁ ନିଜର ବୃତି ଭାବରେ ଗ୍ରହଣ କରିନେଇଛନ୍ତି । ଜାତି ଧର୍ମ ନିର୍ବିଶେଷରେ ସମସ୍ତ କଳାକାର ଏକାକାର ହୋଇ ନିଜ ଭିତରେ ଭାଇଚାରା ସୃଷ୍ଟି କରି ସାମାଜିକ ମଙ୍ଗଳ ନିମନ୍ତେ ନୀତିଶିକ୍ଷା ଏବଂ ଅଧାତ୍ମିକ ବାତାବରଣ ସୃଷ୍ଟି କରିବାରେ ସକ୍ଷମ ହୋଇପାରିଛନ୍ତି । ଅନୁଗୋଳ ଜିଲ୍ଲାର ନତଡା, କର୍ଣ୍ଣପୁର, କରଡାଗାଡିଆ, ହେମସରପଡା, ସୋଲଡା ଆଦି ଗ୍ରାମରେ ବହୁଳ ଭାବରେ ଏହି ନୃତ୍ୟ ଦେଖିବାକୁ ମିଳିଥାଏ ।



ଫଟୋ ସଂ. ୧. ଦଣ୍ଡନାଚ

ଦଣ୍ଡସମାଜ ବା ନୃତ୍ୟର ପ୍ରତିଷ୍ଠାତା ହିସାବରେ କହିବାକୁ ଗଲେ ସମାଜରେ ଦଣ୍ଡନୃତ୍ୟ ପରିବେଷଣ କରିବାର ମୂଳ ଲକ୍ଷ୍ୟ ହେଲା ସାମଜରେ ପ୍ରଚଳିତ କୁସଂସ୍କାର ଦୂର କରିବା ଏବଂ ପରସ୍ପର ଭିତରେ ଭାଇଚାରା ସୃଷ୍ଟି କରି ସମାଜକୁ ସୁଆଙ୍ଗ ଭିତ୍ତିକ ଶିକ୍ଷା ପ୍ରଦାନ କରିବା । ଯେପରି-ଶବର ସୁଆଙ୍ଗ ବୃକ୍ଷ ରୋପଣ କରିବା ସଙ୍ଗେ ସଙ୍ଗେ ଔଷଧୀୟ ବୃକ୍ଷର ସନ୍ଧାନ ପ୍ରଦାନ କରିବା ।

ଆଜକୁ ପ୍ରାୟ ୫୦ ବର୍ଷ ପୂର୍ବେ ଦଣ୍ଡନାଚ ଏକ ୧୩ ଦିନର ବ୍ରତ ଭାବରେ ପାଳନ କରାଯାଉଥିଲା । ଏଥିରେ କେବଳ ଚୈତ୍ର ମାସରେ ଅନୁନ୍ନତ ଶ୍ରେଣୀର ଲୋକମାନଙ୍କ ମଧ୍ୟରେ ସୀମିତ ରହିଥିଲା । କଳାକାର ମାନେ ଖୋଲାମଞ୍ଚରେ ପାରମ୍ପରିକ ବାଦ୍ୟ ଯଥା; ଢୋଲ, ମହୁରୀ ଝାଞ୍ଜ ଦ୍ୱାରା ନୃତ୍ୟ ପରିବେଷଣ କରି ଲୋକଙ୍କ ମରୋରଂଜନ କରୁଥିଲେ । କିନ୍ତୁ, ବର୍ତ୍ତମାନ ସମୟରେ ଦଣ୍ଡନୃତ୍ୟ ପରିସର ବ୍ୟାପକ । ଚୈତ୍ର ମାସରେ ୧୩ ଦିନର ବ୍ରତ ପାଳନ ସହ ବର୍ଷସାରା ଅନେକ ପର୍ବପର୍ବାଣିରେ ନୃତ୍ୟ ପରିବେଷଣ ହେଉଛି । କେତେକ ଜାଗାରେ ଦୁଇଟି ଦଣ୍ଡ ଅର୍ଥାତ୍ ବାଦିଦଣ୍ଡ ପ୍ରତିଯୋଗିତା ଦେଖିବାକୁ ମିଳୁଛି । ସେଥିରେ ଅତ୍ୟାଧୁନିକ ଆଲୋକ ସଜା ମଞ୍ଚସଜା, ପୋଷାକ, ସାଉଣ୍ଡ ସହ ବାଦ୍ୟ ଯନ୍ତ୍ର ଯଥା- ଢୋଲ, କେସିଓ, ତବ୍‌ଲା, ଓରଗାନ, ଚାଙ୍ଗୁ ଆଦି ଅନେକ । ବର୍ତ୍ତମାନ ଉଚ୍ଚ ଶିକ୍ଷିତ ସଂପ୍ରଦାୟର ଲୋକ ଏହି ନୃତ୍ୟକଳା ଆପଣାଇ କଳା ପରିବେଷଣ କରଛନ୍ତି । ବର୍ତ୍ତମାନ ସମୟରେ କଳାକାରମାନେ ଉପଯୁକ୍ତ ପାରିଶ୍ରମିକ ପାଇ ନିଜ ପରିବାର ପ୍ରତି ପୋଷଣ କରି ସମାଜରେ ପ୍ରତିଷ୍ଠିତ ହୋଇପାରୁଛନ୍ତି ।

ବର୍ତ୍ତମାନ ଦଣ୍ଡନୃତ୍ୟ ଉନ୍ନତି ଘଟିବା ସହ ଦଳ ସଂଖ୍ୟା ବୃଦ୍ଧିପାଉଛି । କଳାକାରମାନଙ୍କ ପୋଷକ ମଞ୍ଚ ସାଜସଜା, ନୂତନ ବାଦ୍ୟ ଯନ୍ତ୍ର, ପରିମାର୍ଜିତ ଭାଷା, ଅଧୁନିକ ଶୈଳୀରେ ନୃତ୍ୟ ପରିବେଷଣ ଏବଂ ଡାକବାଜି ଯନ୍ତ୍ରର ବ୍ୟବହାରରେ ଉନ୍ନତି ଘଟିଛି। ପ୍ରତିଯୋଗିତା ମୂଳକ ଦଣ୍ଡନୃତ୍ୟ ପରିବେଷଣ ଦ୍ୱାରା ଜନସାଧାରଣଙ୍କ ମନରେ ଆଗ୍ରହ ସୃଷ୍ଟି କରିପାରୁଛି । ଏହି ନୃତ୍ୟ ଏକ ପ୍ରଚୀନ ଲୋକ ନୃତ୍ୟ ହେଲେ ମଧ ଏହାର ପ୍ରଚାର ପ୍ରସାର ଉନ୍ନତି ନିମନ୍ତେ ସରକାରଙ୍କ ତରଫରୁ ଅନେକ ପ୍ରୟାସ କରାଯାଉଛି । ବର୍ତ୍ତମାନ ପରିବେଷଣ ହେଉଥିବା ଲୋକ ନୃତ୍ୟ ଯଥା- ପାଲା, ଦାସକାଠିଆ, ଘୁଡୁକି, ଓଡିଶୀ ଆଦି କଳାକରମାନଙ୍କୁ ସରକାରୀ ପ୍ରୋତ୍ସାହନ ମିଳୁଥିବା ବେଳେ ଦଣ୍ଡନୃତ୍ୟ କଳାକାରମାନଙ୍କ ପାଇଁ ସରକାରଙ୍କ ତରଫରୁ ଏ ପର୍ଯ୍ୟନ୍ତ କୌଣସି ସନ୍ତୋଷଜନକ ସରକାରୀ ପ୍ରୋତ୍ସାହନ ମିଳିପାରିନାହିଁ ।

କଳାକୁ ବୃତ୍ତି ଭାବରେ ଗ୍ରହଣ କରିଥିବା କଳାକାର ମାନେ ବୃଦ୍ଧା ଅବସ୍ଥାରେ ସରକାର ପଦତ୍ତ ସ୍ୱଳ୍ପ କଳାକାର ଭତ୍ତା ପାଉଥିଲେ ମଧ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଯଦି ସରକାରଙ୍କ ତରଫରୁ ଏହି କଳାକାର ମାନଙ୍କ କିଛି ଆର୍ଥିକ ସହାୟତା ଯୋଗାଇ ଦିଆଗଲେ କଳାକାରମାନେ ଉପକୃତ ହୋଇପାରନ୍ତେ । ଏଭଳି ମତ ରଖିଛନ୍ତି ଦଣ୍ଡ ନୃତ୍ୟଗୁରୁ ତଥା ପ୍ରତିଷ୍ଠାତା ନତଡା ଗ୍ରାମର ଶ୍ରୀଯୁକ୍ତ ହରମୋହନ ସାହୁ ।

ଦଣ୍ଡନୃତ୍ୟ ନେଇ କଳାକାରଙ୍କ ମତ- ପୂର୍ବା ଅପେକ୍ଷା ଅନୁଗୁଳ ଜିଲ୍ଲାରେ ଦଣ୍ଡନୃତ୍ୟ ସ୍ଥିତି ଶତ ପ୍ରତିଶତ ବଢିଚାଲିଛି । ସାଂସ୍କୃତିକ ପରମ୍ପରାକୁ ବଜାଇରଖିଛି । ୧୯୫୦ ସମିହାରେ ଦଣ୍ଡ ନୃତ୍ୟ ସହିତ ବର୍ତ୍ତମାନ ଦଣ୍ଡ ନୃତ୍ୟ ତୁଳନା କଲେ ଆଲୋକସଜ୍ଜା, ସାଉଣ୍ଡ ପୋଷାକ ଉନ୍ନତମାନର ହୋଇଛି । ଶିକ୍ଷା ଯୋଗ୍ୟତା ସାମାଜିକ ସଂସ୍କାର

କ୍ଷେତ୍ରରେ ମଧ୍ଯ ଉନ୍ନତି ଘଟିଛି । ଏହା ଏକ ଲୋକ ନୃତ୍ୟ ହେଲେ ମଧ୍ଯ ପୁରୁଣା କାବ୍ୟ ନାଟକ ଭିତିକ ବିଷୟ ଅଟେ । ଏଭଳି ମତ ରଖିଛନ୍ତି କଟରାପଡା ଗ୍ରାମର ବରିଷ୍ଠ କାଳାକାର ବାବୁଲି ବେହେରା ।

ସେହିଭଳି ତାଳଚେର ଗୁରୁଜାଂଗ ଗ୍ରାମର କଳାକାର ବିନୟ ବେହେରା ନିଜ ମତ ପ୍ରକାଶ କରି କହିଛନ୍ତି, ବର୍ତ୍ତମାନ ଦଣ୍ଡନୃତ୍ୟକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ପୂର୍ବ ସଂସ୍କୃତିକୁ ଜାବୁଡିଧରି ଅତ୍ୟାଧୁନିକ ଢାଞ୍ଚାରେ ଦଣ୍ଡନୃତ୍ୟ ଉନ୍ନତଧରଣର ହେଉଛି । କଳାକାରଙ୍କ ଶିକ୍ଷା ଦିକ୍ଷା ଏବଂ ସାମାଜିକ ଜ୍ଞାନ ଉପରେ ମଧ୍ଯ ଉନ୍ନତି ଘଟୁଛି । କିନ୍ତୁ ସରକାରଙ୍କ ତରଫରୁ ସେତେଟା ସାହାଯ୍ୟ ମିଳୁନଥିବାର କଳାକାରମାନେ ଆଗକୁ ବଢିପାରୁନାହାନ୍ତି ।

### III. ଚଢେୟା ଚଢେୟାଣୀ ନାଚ

ଓଡ଼ିଶାର ଅନୁଗୋଳ ଓ ବାଲେଶ୍ୱର ଜିଲ୍ଲାରେ ଏହି ନାଚ ସର୍ବାଧିକ ଜନପ୍ରିୟ ହୋଇଛି । ଚଢେୟା ଚଢେୟାଣୀଙ୍କୁ ଗୀତ ଓ ନୃତ୍ୟ ମାଧ୍ୟମରେ ପ୍ରକାଶିତ କରାଯାଏ । କୌଣସି କାରଣରୁ ସର୍ପାଘାତରେ ଚଢେୟାର ମୃତ୍ୟୁ ଓ ଚଢେୟାଣୀର ଶୋକ ଏବଂ ପରବର୍ତ୍ତୀ ଅବସ୍ଥାରେ ହର-ପାର୍ବତୀଙ୍କ ଦୟାରୁ ଚଢେୟାର ପୁନଃ ଜୀବନ ପ୍ରାପ୍ତି ଏହି ମିଳନାତ୍ମକ ପରସ୍ଥିତିରେ ପରିସମାପ୍ତି ଘଟାଇଥାଏ । ଚଢେୟା-ଚଢେୟାଣୀ ନୃତ୍ୟର ମଧ୍ଯରେ ଆଉ ଜଣେ ତୃତୀୟ ଚରିତ୍ର ଗୀତକୁ ଗଦ୍ୟ ମାଧ୍ୟମରେ ବିଶ୍ଳେଷଣ କରି ବୁଝାଇ ଦେଇଥାଏ । ଏହି ତୃତୀୟ ଚରିତ୍ର ଏକ ପ୍ରଶ୍ନକତାର ଭୂମିକା ନେଇ ହାସ୍ୟ ଓ ନୃତ୍ୟ ପରିବେଷଣ କରିଥାଏ । ଏହି ନୃତ୍ୟ ଜିଲ୍ଲାର ଲକେଇପଶି, ଗୋବରା ଏବଂ ଧର୍ମପୁର ଅଦି ଗ୍ରାମରେ ବେଶ ଆଦୃତ ।



ଫଟୋ ସଂ. ୨. ଚଢେୟା ଚଢେୟାଣୀ ନାଚ

ବିଶିଷ୍ଟ ବ୍ୟକ୍ତିଙ୍କ ମତାନୁଯାୟୀ... ଛଢେୟା ଚଢେୟାଣୀ ନୃତ୍ୟଗୁରୁ ଶ୍ରୀଯୁକ୍ତ ରାହାସ ଚନ୍ଦ୍ର ବିଶ୍ୱାଳଙ୍କ ମତାନୁଯାୟୀ, ସାଂପ୍ରତିକ ସ୍ଥିତିରେ ଅନୁଗୋଳ ଜିଲ୍ଲାରେ ଛଢେୟା ଚଢେୟାଣୀ ନୃତ୍ୟ ଚୈତ୍ର ମାସରେ ଦଣ୍ଡଯାତ୍ରା ସମୟ କେତେକ ସ୍ଥାନରେ ପରିବେଷଣ କରାଯାଏ । ଖୋଲା ରଙ୍ଗମଞ୍ଚରେ କିମ୍ବା ଗାଁଗୁଡିକର ମଧ୍ଯ ଭାଗରେ ପରିବେଷଣ ହୁଏ । କଳିଯୁଗରେ ଭଗବାନ ଶିବ ଏବଂ ପାର୍ବତୀଙ୍କ ମହିମାଗାନ କରିବା ସହ ପଶୁପକ୍ଷୀମାନଙ୍କ ପ୍ରତି ଦୟାଭାବ ଦେଖାଇବାଟା କଳାକାର ସମାଜ ଆଗରେ ପ୍ରସାର ପ୍ରଚାର କରିଥାନ୍ତି । ଅନୁଗୋଳର ଜରାସିଂହା, ଡଅଁରା, ସୁସୁଡା, ନତଡା ଆଦି ଗ୍ରାମରେ ଏହି ନୃତ୍ୟ ଦେଖିବାକୁ ମିଳିଥାଏ । ସମାଜରେ ପ୍ରାଚୀନ ସଂସ୍କୃତିକୁ ଜୀବିତ ରଖିବା ଏହାର ମୂଳ ଉଦ୍ଦେଶ୍ୟ । ଆଜିକୁ ପ୍ରାୟ ବହୁ ବର୍ଷ ପୂର୍ବେ ଏହି ନୃତ୍ୟ କେବଳ ଆଦିବାସୀ ଅଞ୍ଚଳରେ ସିମୀତ ଥିଲା । କିନ୍ତୁ ବର୍ତ୍ତମାନ ଗାଁଠାରୁ ଆରମ୍ଭ କରି ସହରଯାଏଁ ବିସ୍ତାର ଲାଭ କଲାଣି । ତିନୋଟି ଚରିତ୍ର ମଧ୍ଯରେ ସିମୀତ ନ ରହି ପୋଲିସ, ଗ୍ରାମରକ୍ଷୀ ଏବଂ ମୁଖିଆ ଆଦି ଚରିତ୍ର ସହ ରଙ୍ଗିନ ରଂଗ ମଞ୍ଚରେ ପରିବେଷଣ ହେଲାଣି । ସଂପ୍ରତି ଅନୁଗୋଳ ଜିଲ୍ଲାରେ ଏହି ନୃତ୍ୟକୁ ଏକ ସ୍ୱତନ୍ତ୍ର ସ୍ଥାନ ମିଳିଛି । ଜନ ସମାଜ ନିଜର ମୋନରଂଜନ ସହ ସାମାଜିକ ଶୃଙ୍ଖଳାକୁ ଠିକ୍ ଭାବରେ କାର୍ଯ୍ୟକାରୀ କରିବା ଉପଦେଶ ଗ୍ରହଣ କରୁଛି । ବର୍ତ୍ତମାନ ମଧ୍ଯ କଳାକାର ଏହି କାଳାକୁ ବୃତ୍ତି ଭାବରେ ଗ୍ରହଣକରି ନିଜର ପେଟପାଟଣା ପୋଷିବାରେ ସକ୍ଷମ ହେଉଛି ।

ଛଢେୟା ଚଢେୟାଣୀ ନୃତ୍ୟକୁ ନେଇ କଳାକାରଙ୍କ ମତ- ଆମ ଜିଲ୍ଲାର ଛଢେୟା ଚଢେୟାଣୀ ନୃତ୍ୟର କଳାକାର ହିସାବରେ କହିବାକୁ ଗଲେ କଳା ମାଧ୍ୟମରେ ସମାଜରେ ପଶୁପକ୍ଷୀ ହତ୍ୟା ବିରୋଧ ଓ ବୃକ୍ଷ ରୋପଣ ଉପରେ ନୀତି ଶିକ୍ଷାକୁ ଗୁରୁତ୍ୱ ଦିଆଯାଉଛି । ପୂର୍ବେ ହେଉଥିବା ନୃତ୍ୟ ହେଉଥିବା ନୃତ୍ୟ ଅପେକ୍ଷା ବର୍ତ୍ତମାନ ନୃତ୍ୟ ଉନ୍ନତଧରଣର । ପୋଷାକ, ମଂଚ, ନୃତ୍ୟ, ଗୀତ ଉନ୍ନତ ହୋଇପାରିଛି । ସରକାରୀ ସ୍ତରରେ ଅଳ୍ପ ସହାୟତା ମିଳିଥିଲେ ମଧ୍ଯ ଏହି କଳା ଉନ୍ନତଧରଣର ହୋଇପାରିଛି । ଏଭଳି ମତ ରଖିଛନ୍ତି ଡଅଁରା ଗ୍ରାମର କଳାକାର ପପୁନ କୁମାର ସାହୁ ।

### IV. ଗଉଡ ବାଡି ବା ଲଉଡି ନାଚ

ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣ ଓ ଗୋପାଳ ସଂପ୍ରଦାୟ ଲଉଡି ଖେଳ ଖେଳୁଥିଲେ । ଏହି ବାଡି ଖେଳର ଆରମ୍ଭ ପ୍ରତିବର୍ଷ ମାଘ ପୂର୍ଣ୍ଣିମାରେ ହୋଇଥାଏ । ଫାଲଗୁନ ପୂର୍ଣ୍ଣିମା ପର୍ଯ୍ୟନ୍ତ ଗ୍ରାମାଞ୍ଚଳରେ ଏହି ଖେଳର ମଜା ନିଆଯାଏ । ଗଉଡ ବାଡି ଖେଳ ଦିନରେ ଏବଂ ରାତିରେ ମଧ୍ଯ ପରିବେଷଣ କାରାଯାଇଥାଏ । ଏହି ବାଡି ଖେଳରେ ଫିରିଙ୍ଗୀବାଡିର ବ୍ୟବହାର କରାଯାଇଥାଏ । ଗଉଡା ବାଡି ଖେଳ ସାଧାରଣତଃ ଦୁଇ ପ୍ରକାରର, ପ୍ରଥମଟି ଲଉଡିବାଡି ଏବଂ ଦ୍ୱିତୀୟଟି ପଟାବାଡି ଖେଳ । ଗୋପାଳ ପୁଅ ହାତରେ ବାଜୁ ବନ୍ଧ ଘଣ୍ଟି, ଘୁଙ୍ଗୁର, ମଥାରେ ମୟୂରଚନ୍ଦ୍ରିକା ଓ ବସ୍ତ୍ର ଭାବରେ ଧୋତି ପରିଧାନ କରନ୍ତି । ମଣ୍ଡରେ ପାଗ ଭିଡି ଏହି ନାଚ କରିନ୍ତି । ନନ୍ଦରାଜା ଏବଂ କୃଷ୍ଣ-ରାଧା ଚରିତ୍ରଗୁଡିକୁ ଅଭିନୟ କରିଇ ଏବଂ ନାଚ କୌତୁକକୁ ପରିବେଷଣ କରିଥାନ୍ତି । ବାଦ୍ୟଯନ୍ତ୍ରର ତାଳେ ତାଳେ ଗାୟକର ଗୀତ ସ୍ୱରରେ ଗୋପାଳ ପୁଅ ଗୀତ ଗାଇ ନାଚ ପ୍ରଦର୍ଶନ କରିଥାନ୍ତି ।

ବିଶିଷ୍ଟ ବ୍ୟକ୍ତିଙ୍କ ମତାନୁଯାୟୀ - ଗଉଡବାଡି ବା ଲଉଡି ନୃତ୍ୟଗୁରୁ ଭାସ୍କର ଦାସଙ୍କ କହିବା ଅନୁଯାୟୀ ବର୍ତ୍ତମାନ ଅନୁଗୋଳ ଜିଲ୍ଲାର

ପ୍ରତ୍ୟେକ ଗୋପାଳ ସଂପ୍ରଦାୟର ଗାଁଗଣ୍ଡା ତଥା ସହରମାନଙ୍କରେ ଲଉଡିନୃତ୍ୟ ପରିବେଷଣ କରାଯାଉଛି । ଲଉଡି ନୃତ୍ୟ ଫାଲ୍‌ଗୁନ ମାସରେ ଦଶମୀ ଦିନଠାରୁ ଚୈ÷ତ୍ରମାସ ଦଶଦୋଳଯାଏଁ ହୋଇଥାଏ । ଏହି ଲଉଡି ନୃତ୍ୟରେ ୨୫ରୁ ୩୦ ଜଣ ଗୋପାଳ ସଂପ୍ରଦାୟର ପିଲାମାନେ ନୃତ୍ୟ ପରିବେଷଣ କରୁଛନ୍ତି । ଏଥିରେ ରାଧାକୃଷ୍ଣଙ୍କର ଲୀଳା, ମଥୁରା ବିଜୟ, କଂସର ଧନୁଯାତ୍ରା ବିଷୟ ଉପରେ ପରିବେଷଣ ହୁଏ । ଏହି ନୃତ୍ୟ ମାଧ୍ୟମରେ ଆଧାତ୍ମିକ ଚେତନ ସୃଷ୍ଟି କରିବା ସହ ସମାଜିକ ଶିକ୍ଷା ପ୍ରଦାନ କରିବା ଏହାର ଲକ୍ଷ୍ୟ । ୫୦ ବର୍ଷ ପର୍ବରୁ ଲଉଡି ନୃତ୍ୟରେ କେବଳ ଧଳା ଲୁଗାଖଣ୍ଡେ ପିନ୍ଧି ନୃତ୍ୟ ପରିବେଷଣ କରୁଥିଲେ । କିନ୍ତୁ ବର୍ତ୍ତମାନ ସ୍ଥିତରେ ପୋଷାକ, ନୃତ୍ୟ, ଗୀତ ଏବଂ ବାଦ୍ୟଯନ୍ତ୍ର କଳାକୌଶଳ ତାଳମାନରେ ପରିବେଷଣ କରାଯାଉଛି । ବିଭିନ୍ନ ରଂଗମଂଚ ଏବଂ ସଭାଯାତ୍ରାରେ ମଧ୍ୟ ଏହି ନୃତ୍ୟ ପରିବେଷଣ ହେଉଛି । ଏହି ନୃତ୍ୟଟି ଉଚ୍ଚକୋଟୀର କଳା ହୋଇଥିଲେ ମଧ୍ୟ ସରକାରୀ ପ୍ରତ୍ସାହନ ଯଥେଷ୍ଟ ପାଇପାରିନାହିଁ । କଳାକାରମାନେ ନିଜର କୌଳିକ ବୃତ୍ତି ଉପରେ ନିର୍ଭର କରି ଏହି ନୃତ୍ୟ କଳା ପରିବେଷଣ କରିଥାନ୍ତି । ଏହିଭଳି ମତ ରଖିଛନ୍ତି ସୁବର୍ଣ୍ଣପୁର ଗ୍ରାମର ଗୁରୁ ଭାସ୍କର ଦାସ ।



ଫଟୋ ସଂ. ୩. ଲଉଡି ନାଚ

**ଲଉଡି ନୃତ୍ୟକୁ ନେଇ କଳାକାରଙ୍କ ମତ-** ଅନୁଗୋଳ ଜିଲ୍ଲାରେ ଗୋପାଳ ଜାତିରେ ଏହି ନୃତ୍ୟ ପରିବେଷଣ କରି ଏକ ସ୍ୱତନ୍ତ୍ର ମାନ୍ୟତା ଲାଭ କରିଛନ୍ତି । ଆଗରୁ ଚଳିଆସୁଥିବା ବାଦ୍ୟ, ପୋଷକ, ନୃତ୍ୟ ଏବଂ ଗୀତ ବର୍ତ୍ତମାନର କଳା ଅତ୍ୟାଧୁନିକକରଣ ହୋଇପାରିଛି । ବର୍ତମାନ ଏହି ନୃତ୍ୟର ପରିସର ଗ୍ରାମାଞ୍ଚଳରେ ସୀମିତ ନ ରହି ସହରାଞ୍ଚଳ ଅଭିମୁଖି ହୋଇପାରିଛି । ଲଉଡି ନୃତ୍ୟ ରାଧାକୃଷ୍ଣଙ୍କ ଲୀଳାକୁ ଗାନ କରି ନୃତ୍ୟ ପରିବେଷଣ କରାଯାଉଥିବାରୁ ଲୋକଙ୍କ ଭିତରେ ଆଧାତ୍ମିକ ଭାବନା ଜାଗ୍ରତ କରିପାରିଛି । ଏଭଳି ମତ ରଖିଛନ୍ତି ସୁବର୍ଣପୁର ଗ୍ରାମର କଳାକାର ମାର୍କଣ୍ଡ ଦାସ ।

### V. ପାଇକ ନାଚ

ଓଡ଼ିଶାର ସମରକଳା ବିଶାରଦ ହେଉଛନ୍ତି ପାଇକ ପୁଅ । ସେମାନେ ଖଣ୍ଡା, ଢାଲ, ବର୍ଚ୍ଛା, ଆଦି ଅସ୍ତ୍ରଗୁଡିକର ବ୍ୟବହାର କରୁଥିଲେ । ନିଜ ବୀରତ୍ୱକୁ ପ୍ରଦର୍ଶନ କରିବା ପାଇଁ ରାଜାଙ୍କ ସମ୍ମୁଖରେ ପାଇକ ପୁଅ ଖଣ୍ଡା ଖେଳ ନାଚ ପ୍ରଦର୍ଶନ କରିଥାନ୍ତି । ଦଶହରା ପର୍ବରେ ମାଆ ଦୁର୍ଗାଙ୍କ ପାଖରେ ପାଇକ ପୁଅ ଅସ୍ତ୍ର ପୂଜା କରି ସିନ୍ଦୁର ଟିକା ମାରି ମଥାରେ ପଗଡି ଓ ଧୋତି ପିନ୍ଧି ଖେଳ ପଡିଆରେ ଏହି ନାଚ ପ୍ରଦର୍ଶନ କରିଥାନ୍ତି । ଏହି ପାଇକମାନଙ୍କର ନାଚ ଓଡିଆମାନଙ୍କ ବୀରତ୍ୱର ଗାଥା କହିଥାଏ । ଏହି ଯୁଦ୍ଧକାଳୀନ ସମର ନୃତ୍ୟ ବୁଡାପଙ୍କ, ବଳରାମ ପ୍ରସାଦ ଏବଂ ସମଲ ଆଦି ଅଞ୍ଚଳରେ ବିଶେଷ ଭାବେ ଦେଖାଯାଏ ।



ଫଟୋ ସଂ. ୪. ପାଇକ ନାଚ

ବିଶିଷ୍ଟ ବ୍ୟକ୍ତିଙ୍କ ମତାନୁଯାୟୀ... ଜିଲ୍ଲା ପାଇକ ଆଖଡା ସଂଘର ସଂପାଦକ ରଂଜନ କୁମାର ବିଷୋୟୀ କୁହନ୍ତି, ଓଡ଼ିଶାର ସ୍ୱାଧୀନ ରାଜାମାନଙ୍କ ଅମଳରୁ ପାଇକ ପ୍ରଥା ଚଳିଆସୁଥିଲା । ବର୍ତ୍ତମାନ ସମୟରେ ପାଇକ ନୃତ୍ୟ ଓ ସ୍ଥିତିରେ ସ୍ୱତନ୍ତ୍ରତା ପରିଲକ୍ଷିତ ହୁଏ । ପାଇକଗଣ କେବଳ ଜାତି ମାଧ୍ୟମରେ ସେମାନଙ୍କର ପରିଚୟ ବଜାୟ ରଖିଛନ୍ତି । ନିଜର ଐତିହ୍ୟ ପରଂପରାକୁ ସ୍ମୃତି ଚାରଣ ପୂର୍ବପୁରୁଷଙ୍କ କୀର୍ତ୍ତିକୁ ମନେ କରି ନିଜର ସମର କୌଶଳ ପାଇକ ଆଖିଡା ଜରିଆରେ ନୃତ୍ୟ ଆକାରରେ ପରିବେଷଣ କରୁଛନ୍ତି । ଦଶହରା ପୂର୍ବଠାରୁ ଆରମ୍ଭ କରି ବିଭିନ୍ନ ପର୍ବପର୍ବାଣିରେ ଏହି ସମର କୌଶଳ ନୃତ୍ୟ ଆପଣମାନେ ଦେଖନ୍ତି । ଓଡ଼ିଶାର ବିରତ୍ୱ କାହାଣୀ ତଥା ପୂର୍ବଜମାନଙ୍କ ସ୍ମୃତି ବଜାୟୀ ରଖିବା ହେଉଛି ଆମ ପାଇକ ଆଖିଡା ନୃତ୍ୟର ବିଶେଷ ଉଦେଶ୍ୟ । ପ୍ରତ୍ୟେକ ଖଣ୍ଡାୟତ କ୍ଷେତ୍ରୀୟ ବିଧିନିର୍ଦ୍ଦିଷ୍ଟ ନିଜର ମୌଳିକ କର୍ତ୍ତବ୍ୟ ପ୍ରତି ସଜାଗ ଏବଂ ସଚେତନ ହେବା ବାଞ୍ଛନୀୟ । ଅଧୁନା ପାଇକନୃତ୍ୟ ପରିବେଷଣ ସମୟରେ ଆଲୋକ, ସାଜସଜ୍ଜା, ସାଉଣ୍ଡ ଏବଂ ବୀରବାଦ୍ୟ ସମର ଗୀତ ସହ ତାଳ ଦେଇ ପରିବେଷଣ ହେଉଛି । ପୂର୍ବ କେବଳ ଯୁଦ୍ଧ ସମୟରେ ଏବଂ ଆଖିଡାରେ ଏହି ନୃତ୍ୟ ଏବଂ ବୀର ବାଦ୍ୟ ପରିବେଷଣ ହେଉଥିଲା । ସରକାରୀ ସ୍ତରରେ ପାଇକମାନଙ୍କ ଏକ ସ୍ୱତନ୍ତ୍ର ସମ୍ମାନ ଦିଆଯାଉଛି । ଏମିତକି ରାଜ୍ୟ ସରକାର ଓଡ଼ିଶାର ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ୨୦୦ ବର୍ଷ ପୂର୍ତ୍ତି ଅବସରରେ ଆଖ୍ୟା ଦେଇଛନ୍ତି । କଳାକାରଙ୍କୁ ବାର୍ଦ୍ଧକ୍ୟ ଭତ୍ତାଠାରୁ

ଆରମ୍ଭ କରି ବିଭିନ୍ନ ପ୍ରକାର ସାହାଯ୍ୟ ପାଇଁ ସରକାର ହାତ ବଢ଼ାଉଛନ୍ତି । ଏଥିପ୍ରତି ସରକାର ଏକ ସ୍ୱତନ୍ତ୍ର ପଦକ୍ଷେପ ନେଇ ପୂର୍ବ ସଂସ୍କୃତିକୁ ବଜାୟୀ ରଖିବା ଉଚିତ୍ ବୋଲି ଜିଲ୍ଲା ପାଇକ ଆଖଡ଼ା ସଂଘର ସଂପାଦକ ତଥା ୨୦୦ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟ ତରଫରୁ ନୂଆଦିଲ୍ଲୀରେ ପ୍ରତନିଧିତ୍ୱ କରିଥିବା ରଂଜନ କୁମାର ବିଷୋୟୀ କହିଛନ୍ତି ।

**ପାଇକ ଆଖଡ଼ା କଳାକାରଙ୍କ ମତ**- ପାଇକ ଜାତି ସମଗ୍ର ଓଡ଼ିଶାର ଏକ ବୀର ଜାତି, ଯାହାର ବୀରତ୍ୱ ଓଡ଼ିଶା ଇତିହାସରେ ସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ । ପାଇକ ନୃତ୍ୟ ଆଶ୍ୱିନ ମାସଠାରୁ ବିଧିବଦ୍ଧ ଭାବେ ଆରମ୍ଭ ହୋଇ ସବୁ ପର୍ବପର୍ବାଣିରେ ପରିବେଷଣ ହୋଇଥାଏ । ପାଇକ ନୃତ୍ୟ ଅନୁଗୋଳ ନାଟ୍ୟଜଗତରେ ଏକ ସ୍ୱତନ୍ତ୍ର ସ୍ଥାନ ଆଧିକାର କରିଛି । ପୂର୍ବକାଳରେ ପାଇକ ଆଖଡ଼ାରେ ଯେଉଁ ଅନ୍ୟ ଶସ୍ତ୍ର ବ୍ୟବହାର କରାଯାଉଥିଲା, ଏବେ ସେହି ପାରଂପରିକ ଢାଞ୍ଚାରେ ନିର୍ମିତ ଅସ୍ତ୍ରଶସ୍ତ୍ର ବ୍ୟବହାର ଦେଖିବାକୁ ମିଳୁଛି । ଏହା ଏକ ବୀରନୃତ୍ୟ ହୋଇଥିବାରୁ ବୀର ବାଜା, ଯୋଡି ନାଗର, ଚାଙ୍ଗୁ, ବୀର କାଳୀ, ଠାଣୀ, ବେଶ ପୋଷାକ କ୍ଷେତ୍ରରେ ଭିନ୍ନତା ଦେଖାଯାଇଥାଏ । ସରକାରୀ କ୍ଷେତ୍ରରେ ଯେତିକି ସହାୟତା ମିଳୁଛି ସେତିକି ଯଥେଷ୍ଟ ନୁହେଁ ଏହି ସଂସ୍କୃତିକୁ ଆଗକୁ ନେବାପାଇଁ ବୋଲି ସନ୍ଥପଡାର କାଳାକାର ବାବୁଲା ସାମ, ଜିତେନ୍ଦ୍ର ତୁଙ୍ଗ ମତ ରଖନ୍ତି ।

### VI. ରାବଣଛାୟା ନାଚ

ରାବଣଛାୟା ନାଚରେ ରାମାୟଣ ଆଧାରିତ କାହାଣୀ ପ୍ରଦର୍ଶନ କରାଯାଇଥାଏ । ସାଧାରଣତଃ ରାବଣଛାୟା ନୃତ୍ୟ ମଞ୍ଚ ଉପରେ ପ୍ରଦର୍ଶିତ ହୋଇଥାଏ । ରାବଣଛାୟା ନୃତ୍ୟରେ ପରଦାର ପଛପଟେ ଲାଇଟ୍ର ଫକ୍ସ ପକାଇ ନୃତ୍ୟରତ କଣ୍ଢେଇମାନଙ୍କର ଛାୟା ପରଦାରେ ପ୍ରଦର୍ଶିତ ହୋଇଥାଏ । ଏହା ବେଶ୍ ଆନନ୍ଦ ଦାୟକ ହୋଇଥାଏ । ଏହି ନୃତ୍ୟ ଜିଲ୍ଲାର ଖମାର, ଓଡଶ ଏବଂ ପାଲଲହଡ଼ା ଆଦି



ସ୍ଥାନରେ ବିଶେଷ ଭାବେ ଦେଖାଯାଏ

ଫଟୋ ସଂ. ୫. ରାବଣଛାୟା ନାଚ

ବିଶିଷ୍ଟ ବ୍ୟକ୍ତିଙ୍କ ମତନୁଯାୟୀ... ଓଡ଼ିଶା ତଥା ଅନୁଗୁଳ ଜିଲ୍ଲାର ବିଶିଷ୍ଟ ଲୋକନାଟକ ଗବେଷକ ତଥା ରାବଣଛାୟା ନୃତ୍ୟର ପ୍ରତିଷ୍ଠାତା ଡକ୍ଟର ଗୌରାଙ୍ଗ ଚରଣ ଦାସଙ୍କର ଲେଖା ଅନୁଯାୟୀ, ବର୍ତ୍ତମାନ ଓଡ଼ିଶାର ଲୋକ ନାଟକକୁ ଅନୁଧ୍ୟାନ କଲେ ଜଣାଯାଏ ରାବଣଛାୟା ନାଟକ ଏକ ଭିନ୍ନଧରଣର । ଏଥିରେ ପୌରାଣିକ ବିଷୟବସ୍ତୁକୁ ପରଦା ଆଗରେ ଛାୟା ମାଧ୍ୟମରେ ପରିବେଷଣ କରାଯାଏ । ଅନୁଗୁଳ ଜିଲ୍ଲାର ଖମାର ଆନ୍ତର୍ଗତ ଓଡଶ ଗାଁରେ ଏହି ନୃତ୍ୟ ଖ୍ୟାତି ଅର୍ଜନ କରିଛି । ରାବଣଛାୟା ନୃତ୍ୟ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରି ଓଡ଼ିଶାକୁ ସ୍ୱତନ୍ତ୍ର ସ୍ଥାନ ଅର୍ପଣ କରିଛି । କିନ୍ତୁ ଅନୁଗୁଳ ଜିଲ୍ଲାର ସେହି କେତୋଟି ଗାଁରେ ଏହି ନୃତ୍ୟକଳାଟି ଜୀବିତ ଅଛି । ଲୌକାୟିତ କଳାକୁ ଜୀବିତ ରଖି ପୌରାଣିକ ବିଷୟ ତଥା ଆଧାତ୍ମିକ ପରିବେଶ ସୃଷ୍ଟି ଏହାର ଲକ୍ଷ୍ୟ । ପୂର୍ବେ ବର୍ତ୍ତମାନ ସମୟରେ ରାବଣଛାୟା ନୃତ୍ୟ ମଧ୍ୟରେ ସେତେ ଫରକ ଦୃଷ୍ଟିଗୋଚର ହୁଏ ନାହିଁ । କେବଳ ମଂଚ ସାଜସଜାରେ ଫରକ ଅନୁଭବ ହୁଏ । ଆଲୋକ, ସାଉଣ୍ଡ ଏବଂ ପରଦା କ୍ଷେତ୍ରରେ ନୂତନ କୌଶଳକୁ ଆପଣାଇ ଏହି ନୃତ୍ୟ ପରିବେଷଣ କରାଯାଉଛି । କାହାଣୀଗୁଡିକୁ ଆଧାରକରି ଚରିତ୍ରମାନଙ୍କ ବିଭିନ୍ନ ଆକାର ଏବଂ ପ୍ରକାରର ରେଖା ଚିତ୍ର ଅଙ୍କନ କରି ଚମଡାକୁ ବଟାଳି ସାହାଯ୍ୟରେ କଟାଯାଏ । ରାଜାରାଣୀ, ରାଜକୁମାର. ରାଜକୁମାରୀ, ଦେବଅଂଶୀ ଚରିତ୍ରମାନଙ୍କୁ ତିଆରି କଲାବେଳେ ସେମାନଙ୍କ ଅଂଗ ବସ୍ତ୍ର ଏବଂ ଆଭୁଷଣଗୁଡିକ ଅତି ସତର୍କ କଳାତ୍ମକ ରୀତିରେ ତିଆରି କରିବାକୁ ପଡେ । ଅତ୍ୟାଧୁନିତ ଯୁଗରେ ଦର୍ଶକ ପୌରାଣିକ ରୁଚିଠାରୁ ଦୂରରେ ରହି ବିଜ୍ଞାନ ଭାଷାରେ ଛାୟା ନାଟକକୁ ଛାଇ ଏବଂ ଆଲୋକର ଖେଳ ବୋଲି ମନେ କରାଯାଏ । ଅଧିକ ଗବେଷଣା ନିମିତ୍ତ ବିଶ୍ୱ ବିଦ୍ୟାଳୟଗୁଡିକରେ ରାବଣଛାୟା ନୃତ୍ୟ ଉପରେ ଗବେଷଣ ଜାରି ରହିଛି ।

**ରାବଣଛାୟା ନୃତ୍ୟକୁ ନେଇ କଳାକାରଙ୍କ ମତ**-ରାବଣଛାୟା ନୃତ୍ୟ ଅନୁଗୁଳ ଜିଲ୍ଲାରେ ବିରଳ ପ୍ରାୟ । ପାଲଲହଡାର ଓଡଶ ଖମାରରେ ଏହି ଛାୟା ନୃତ୍ୟ ସାରା ଓଡ଼ିଶା ଖ୍ୟାତି ଅର୍ଜନ କରିଛି । ପର୍ବ ସମୟରେ ଯେଉଁଭଳି ଭାବରେ ଛାୟା ନୃତ୍ୟ ପରିବେଷଣ ହେଉଥିଲା ବର୍ତ୍ତମାନ ପ୍ରାୟ ସମାନ ଅଟେ । କେବଳ ଆଲୋକ ପରଦା ଏବଂ ସାଉଣ୍ଡରେ ପରିବର୍ତ୍ତନ ଘଟିଛି । ଲୋକରୁଚିରେ ପରିବର୍ତ୍ତନ ଦେଖାଯିବାରୁ ଏହି ନୃତ୍ୟ ଧୀରେ ଧୀରେ ପତନମୁହାଁ ହେଉଛି । ସରକାରୀ କ୍ଷେତ୍ରରେ ଏହି ନୃତ୍ୟ ପ୍ରତି ବିଶେଷ ଧ୍ୟାନ ଦିଆଯାଉନଥିବାରୁ ଏହି ନୃତ୍ୟର ବିକାଶ ହୋଇପାରୁନାହିଁ । ସରକାରୀ କ୍ଷେତ୍ରରେ କଳାକାର ତଥା କଳାକୁ ଯଥେଷ୍ଟ ପ୍ରସ୍ତାହନର ଆବଶ୍ୟକତା ରହିଛି ବୋଲି ଖମାର ଗ୍ରାମର କିଶୋର ଚନ୍ଦ୍ର ବେହେରା କହିଛନ୍ତି ।

### VII. ନିଶାଣ ବାଜା ନାଚ ବା ବଡ ବାଜା ନୃତ୍ୟ

ନିଶାଣ ବାଜା ନାଚକୁ ବୀର ବାଜା ନାଚ କୁହାଯାଏ । ଏହି ନୃତ୍ୟର ଆରମ୍ଭ ପ୍ରତିବର୍ଷ ଭାଦ୍ରବ ମାସରୁ ହୋଇଥାଏ । ଅଧିଷ୍ଠାତ୍ରୀ ଦେବୀ ମାଆ ଦୁର୍ଗାଙ୍କ ପୂଜାରେ ଏହି ବାଦ୍ୟ ନୃତ୍ୟର ଶୁଭାରମ୍ଭ ହୋଇଥାଏ । ଏହି ବାଦ୍ୟ ଯନ୍ତ୍ର ସହିତ ବୀର କାହାଳୀ, ମହୁରୀ, ଢୋଲ ସହ ତାଳ ଏକ ହଳ ବ୍ୟବହାର ମଧ୍ୟ ହୋଇଥାଏ । ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମାଆ ହିଙ୍ଗୁଳାଙ୍କ ପୀଠରେ ମାଆଙ୍କ ପୂଜା ସମୟରେ ଏହି ନୃତ୍ୟର ବେଶ ଆକର୍ଷଣ ରହିଛି ।



ଫଟୋ ସଂ. ୬. ନିଶାଣ ନାଚ

ବିଶିଷ୍ଟ ବ୍ୟକ୍ତିଙ୍କ ମତାନୁଯାୟୀ... ସାଂପ୍ରତିକ ଅବସ୍ଥାରେ ଅନୁଗୁଳ ଜିଲ୍ଲା ନିଶାଣ ବାଜା ବା ବଡ ବାଜା ନୃତ୍ୟ ପ୍ରସିଦ୍ଧି ଲାଭ କରିଛି । ତାଳଚେର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳା ଏବଂ ଅନୁଗୁଳ ବୁଢି ଠାକୁରାଣୀଙ୍କ ପୂଜାରେ ଏହି ବାଜା ନୃତ୍ୟ ପରିବେଷଣ ହୋଇଥାଏ । ବର୍ତ୍ତମାନ ସବୁ ମାଙ୍ଗଳିକ କାର୍ଯ୍ୟ ବିବାହ ବ୍ରତ ଓ ଶୁଭଦେବା କାଳରେ ଏହି ବଡ ବାଜା ନୃତ୍ୟ ପରିବେଷଣ ହେଉଥିବା ଦେଖାଯାଏ । ପୂର୍ବ ଅପେକ୍ଷା ନିଶାଣ ବାଦ୍ୟ ଓ ନୃତ୍ୟ ଏବଂ ଆର୍ଥିକ କ୍ଷେତ୍ରରେ ସ୍ଥିତି ସୁଦୃଢ । ନିଶାଣ ବାଜା ଦେବାଦେବୀଙ୍କ ପୂଜାର୍ଚ୍ଚନାରେ ପରିବେଷଣ ଏହାର ଲକ୍ଷ୍ୟ । ପୂର୍ବେ ପୋଷକ ଓ ପ୍ରଚାର ଉପରେ ଗୁରୁତ୍ୱ ନଥିଲା । କିନ୍ତୁ ଏବେ ନୂତନ ଦିଗକୁ ଗ୍ରହଣ କରି ଦିବା ଓ ରାତ୍ର ସମୟରେ ପରିବେଷଣ କରାଯାଉଛି । ଏହି ନୃତ୍ୟର କଳାକାର ଗୋଚ୍ଛାୟତ ସଂପ୍ରଦାୟ ହୋଇଥିବାରୁ ନିଜର କୌଳିକ ବୃତ୍ତିରେ ନିୟୋଜିତ ହୋଇ ଅବସର ସମୟରେ ଏହି ନୃତ୍ୟ ପରିବେଷଣ କରିଥାନ୍ତି ବୋଲି ଗୁରୁ ଚିତ୍ତରଂଜନ ସ୍ୱାଇଁ, ଗଗେନ୍ଦ୍ର ବିଶ୍ୱାଳ ଓ ଗୋପାଳ ପ୍ରସାଦ ଗ୍ରାମର ଜାପାନୀ ଗୋଚ୍ଛାୟତ ମତ ରଖନ୍ତି ।

**ନିଶାଣ ବାଜ ନୃତ୍ୟକୁ ନେଇ କଳାକାରଙ୍କ ମତ**-ଦର୍ଶକଙ୍କ ଚାହିଦା ଏହି ବାଦ୍ୟ ନୃତ୍ୟ ପ୍ରତି ବଢୁଥିବାରୁ କଳାକାରଠାରୁ ଆରମ୍ଭ କରି ବାଦ୍ୟଯନ୍ତ୍ର ବୃଦ୍ଧି ପାଇବାରେ ଲାଗିଛି । ଏପରିକି ପୋଷକ ଓ ନୃତ୍ୟରେ ପରିବର୍ତ୍ତନ ଘଟିଛି । ପୂର୍ବ ସମୟରେ କେବଳ ନିର୍ଦ୍ଦିଷ୍ଟ ସମୟରେ ଦେବାଦେବୀଙ୍କ ମାଜଣାରେ ନୃତ୍ୟ ହେଉଥିଲା । ଏବେ ସମସ୍ତ ପ୍ରକାର ମାଙ୍ଗଳିକ କାର୍ଯ୍ୟରେ ଏହାର ଚାହିଦା ବଢୁଛି । ସରକାରଙ୍କ ତରଫରୁ କିଛି ମାତ୍ରାରେ ଅନୁଦାନ ମିଳୁଥିବାରୁ ତାହା ନୂତନ କଳା ପରିଷଦ ଗଠନରେ ସହାୟକ ହୋଇପାରୁଛି ବୋଲି କଳାକାର ଶଙ୍କର ଓ କୁନା ଗୋଚ୍ଛାୟତ ମତ ରଖନ୍ତି ।

### VIII. ବଣ୍ଠିନାଚ

ବଣ୍ଠିନୃତ୍ୟ ଏକ ପୌରାଣିକ ବିଷୟବସ୍ତୁ ଉପରେ ଆଧାରିତ । ଉକ୍ତ ନୃତ୍ୟରେ ବଣ୍ଠି ଚରିତ୍ରଟି ଏକ ଖଳ ଚରିତ୍ର । ବଣ୍ଠି ହେଉଛି ଚନ୍ଦ୍ରସେଣାର ଭଉଣୀ । ରାଧାକୃଷ୍ଣ, ଚନ୍ଦ୍ରସେଣା ଓ ତାର ମାଆ ଜଟିଳା ବୁଢୀ ଉକ୍ତ ନାଚରେ ଅଂଶ ଗ୍ରହଣ କରନ୍ତି । ବଣ୍ଠି ଚରିତ୍ରଟି ରାଧାକୃଷ୍ଣଙ୍କ ପ୍ରେମ ସଂପର୍କକୁ ନେଇ କଳହ ସୃଷ୍ଟି କରେ ମାଆ ଜଟିଳା ଓ ଭାଇ ଚନ୍ଦ୍ରଶେଣା ପାଖରେ । ବାଦ୍ୟଯନ୍ତ୍ର, ଆଲୋକ, ଗୀତ ଓ ସଂଳାପ ବ୍ୟବହାର କରାଯାଇ ନୃତ୍ୟଟିକୁ ରୋମାଞ୍ଚକର କରାଯାଏ । ଏହି ନୃତ୍ୟ ସାଧାରଣତଃ ସାନଯୋରଡା ଓ ବାଦିବାହଳ ଅଞ୍ଚଳରେ ବହୁଳ ଭାବରେ ଦେଖାଯାଏ ।



ଫଟୋ ସଂ. ୭. **ବଣ୍ଠିନାଚ**

**ବିଶିଷ୍ଟ ବ୍ୟକ୍ତିଙ୍କ ମତାନୁଯାୟୀ...** ବିଜ୍ଞାନ ଶିକ୍ଷକ ତଥା ବଣ୍ଠି ନୃତ୍ୟଗୁରୁ ଦିଲୀପ କୁମାର ସାହୁଙ୍କ ମତାନୁଯାୟୀ ଅନୁଗୁଳ ଜିଲ୍ଲାର ବଣ୍ଠି ନୃତ୍ୟ ସାଧାରଣତଃ ରାଧାକୃଷ୍ଣଙ୍କ ପ୍ରେମଲୀଳା କେନ୍ଦ୍ରିକ । ଏଥିରେ ଚରିତ୍ରଗୁଡିକ ରାଧା, କୃଷ୍ଣ, କୁଟିଳା, ଜଟିଳା, ଚନ୍ଦ୍ରସେଣା ଏବଂ ଦୂତୀ ଅତ୍ୟାଦି ଅଭିନୟ କରନ୍ତି । ଏବେ ବଣ୍ଠି ନୃତ୍ୟର ସ୍ଥିତିକୁ ଅନୁଧ୍ୟାନ କଲେ ଜଣାଯାଏ ଜିଲ୍ଲାର ଖୁବ୍ କମ୍ ଅଞ୍ଚଳରେ ପରିବେଷଣ ହୁଏ । ବାଦିବାହାଲ, ସାନେଯାରଡା, ମଝିକା ଆଦି କେତୋଟି ଗାଁରେ ଏହି ବଣ୍ଠି ନୃତ୍ୟ ଦେଖିବାକୁ ମିଳେ । କ୍ରମସହ ଏହା ପ୍ରାୟ ବିଲୁପ୍ତ ଅବସ୍ଥାରେ ଅଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ସମାଜରେ ରାଧାକୃଷ୍ଣଙ୍କର ପ୍ରେମଲୀଳା, ଶାଶୁ, ବୋହୂ ଓ ନଣନ୍ଦଙ୍କ ମଧ୍ୟରେ ସୁସଂପର୍କ ପ୍ରତିଷ୍ଠା ଏହାର ଲକ୍ଷ୍ୟ । ବଣ୍ଠି ନୃତ୍ୟକୁ ଦର୍ଶକଙ୍କର ଅନାଗ୍ରହ ଯୋଗୁଁ କଳାକାର ମାନେ ବଣ୍ଠନୃତ୍ୟକୁ ତ୍ୟାଗ କରି ଅନ୍ୟ ବୃତ୍ତିକୁ

ଆଦରିବା ଦ୍ୱାରା ଏହାର ଅବନତି ଘଟୁଛି । ସରକାରୀ ସ୍ତରରେ ବଣ୍ଠି ନୃତ୍ୟ ପ୍ରତି ପ୍ରସ୍ତାହନ ଅଭାବରୁ ଏହି କଳା ଉନ୍ନତ ହୋଇପାରୁ ନାହିଁ ।

**ବଣ୍ଠିନୃତ୍ୟକୁ ନେଇ କଳାକାରଙ୍କ ମତ -** ବଣ୍ଠି ନୃତ୍ୟ ସାଂପ୍ରତିକ ସ୍ଥିତିରେ ସୁଦୃଢ ନୁହେଁ । କେତେକ ସ୍ଥାନରେ କାଁଭାଁ ଏହି ନୃତ୍ୟ ଦେଖିବାକୁ ମିଳୁଛି । ଆଧୁନିକ ସମାଜର ଦର୍ଶକଙ୍କ ରୁଚିକୁ ଖାପଖୁଆଇ ବଣ୍ଠିନୃତ୍ୟ ସେତେଟା ସଫଳତା ପାଇପାରୁନଥିବାରୁ ଏହାର ଅବନତି ଘଟିବାକୁ ଯାଉଛି । ପୌରାଣିକ ବିଷୟ ପ୍ରତି ଦର୍ଶକ ମୁହଁ ଫେରାଇ ଦେଉଛି । ଯଦି ସରକାରୀ ସ୍ତରରେ ଏହି ନୃତ୍ୟ ପ୍ରତି ସ୍ୱତନ୍ତ୍ର ପଦକ୍ଷେପ ନିଆଯାଆନ୍ତା ତା' ହେଲେ ଏହି ନୃତ୍ୟ ଉନ୍ନତି ହୋଇପାରନ୍ତା ବୋଲି ସାନଯାରଡାର କଳାକା ବଣ୍ଣୁ ରାଉତ ଓ ପବିତ୍ର ମୋହନ ସାହୁ କହନ୍ତି ।

ଓଡ଼ିଶାରେ ଲୋକନାଟ୍ୟ ପରଂପରାରେ ଅନୁଗୋଳର ଅବଦାନ ଅସ୍ୱୀକାର୍ଯ୍ୟ । ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ସ୍ଥାନୀୟ ଲୋକ ଏହାକୁ ବଞ୍ଚାଇ ରଖିବାରେ ସକ୍ଷମ ହୋଇପାରିଛନ୍ତି ।

**ସହାୟକ ବ୍ୟକ୍ତିବିଶେଷ**

[୧.] ଶ୍ରୀଯୁକ୍ତ ହରମୋହନ ସାହୁ, ଦଣ୍ଡ ନାଟ ଗୁରୁ, ଗ୍ରାମ – ନତଡା, ଜିଲା-ଅନୁଗୋଳ, ଫୋନ- ୯୪୩୭୨୮୮୫୯୯ ଓ ଶ୍ରୀଯୁକ୍ତ ରମେଶ ଗଡନାୟକ, କଳାକାର, ଗ୍ରାମ- ଗଡସନ୍ତିରି, ଜିଲା-ଅନୁଗୋଳ

[୨.] ଶ୍ରୀଯୁକ୍ତ ରହଶ ଚନ୍ଦ୍ର ସାହୁ, ଚଢେଇଆ ନାଟ (ଗୁରୁ), ଗ୍ରାମ-ଡନରା, ଜିଲା-ଅନୁଗୋଳ; ଓ ଶ୍ରୀ ପପୁନୁ ସାହୁ,କଳାକାର, ଗ୍ରାମ-ଡନରା, ଜିଲା-ଅନୁଗୋଳ

[୩.] ଶ୍ରୀ ଭାସ୍କର ଦାସ (ଲଉଡିନାଟ ସଂପର୍କରେ), ଗ୍ରାମ- ସୁବର୍ନପୁର, ଜିଲା-ଅନୁଗୋଳ, ଫୋନ - ୯୬୯୨୪୨୯୦୦୭; ଓ ଶ୍ରୀ ମାର୍କଣ୍ଡ ଦାସ, କଳାକାର, ଗ୍ରାମ-ସୁବର୍ନପୁର, ଜିଲା-ଅନୁଗୋଳ, ଫୋନ - ୯୬୯୨୪୨୯୦୦୭

[୪.] ଶ୍ରୀ ରଞ୍ଜନ କୁମାର ବିଶୋଇ (ପାଇକ ନାଟ ସଂପର୍କରେ), ଗ୍ରାମ-ନଳକୋ ନଗର, ଜିଲା- ଅନୁଗୋଳ, ଫନ-୮୪୫୭୯୦୦୬୩୪; ଓ ବାବୁଲ ସାମଲ, କଳାକାର, ଗ୍ରାମ- ସଂଥପଡା, ଜିଲା-ଅନୁଗୋଳ, ଫୋନ - ୭୦୦୮୬୭୨୯୦୭

[୫.] ଡାଃ ଗୌରାଙ୍ଗ ଚରଣ ଦାସ (ରବଣ ଛାୟା ନାଟ), ଗ୍ରାମ-ଖମାର, ଜିଲା-ଅନୁଗୋଳ, ଫୋନ -୯୪୩୭୦୩୬୬୪୩; ଓ କିଶୋର ବେହେରା, କଳାକାର, ଗ୍ରାମ-ଖମାର, ଜିଲା-ଅନୁଗୋଳ

[୬.] ଶ୍ରୀ ଦିଲ୍ଲିପ ସାହୁ, ବଣ୍ଠି ନାଟ, ଗ୍ରାମ- ସନାଜୋରଡା, ଜିଲା-ଅନୁଗୋଳ, ଫୋନ -୮୮୯୫୭୮୨୩୮୭; ଓ ବେଣ୍ଣୁ ରାଉତ, କଳାକାର, ଗ୍ରାମ-ସନଯୋରଡା

[୭.] କୁମାରମଣି ସାହୁ, ନିଶାନ ନାଟ, ଗ୍ରାମ ବଡଶିଙ୍ଗଡା, ଜିଲା-ଅନୁଗୋଳ, ଫୋନ -୮୨୪୯୬୨୦୩୯୪; ଓ ଜାପାନୀ ଗୋଛାୟାତ, କଳାକାର, ଗ୍ରାମ- ଗୋପାଳପ୍ରସାଦ, ଜିଲା-ଅନୁଗୋଳ